# ମୃତ୍ୟୁହୀନ

କବି ରଘୁନାଥ ଦାସ

(ମ୍ୟାକ୍ ଆର୍ଥର ତାଙ୍କର ବିଜୟ ଘୋଷଣା କରିଛନ୍ତି କୋରିଆର କ୍ଷୁଦ୍ର ସହରଟିକୁ ଧ୍ବଂସସ୍ତୁପରେ କରିଣତ କରି. ଶିଶୁ ଉପରେ ପାଞ୍ଚଶହ ଟନ୍ ବୋମା ପକାଇ।

...ମା' ର ମନ କିନ୍ତୁ ବୁଝେନା। ଗତ ୩ ଦିନ ଧରି ସେ ଧ୍ବଂସସ୍ତୁପ ମଧ୍ୟରେ ଖୋଜିଛି ତା'ର ପିଲାକୁ। ଆଶା, ମା'ର ଆଶା, ସେ ତା'ର ଶିଶୁଟିକୁ ଫେରିପାଇବ ସେହିପରି ଜୀବନ୍ତ, ଅକ୍ଷତ, ହସ ହସ...।

ମା' ତାର ପିଲାକୁ ଫେରି ପାଇଛି-ବାସ୍ତବ ଜଗତରେ ନ ହେଲେ ବି ସ୍ବପ୍ନ ରାଜ୍ୟରେ। ମା'କୁ ସମ୍ବୋଧନ କରି ସେ କହୁଛି-)

ମା, ତୁମେ କାନ୍ଦନା...।

ଭଙ୍ଗା ଇଟାର ପାହାଡ଼...

ୟାରି ଭିତରେ କାହିଁ ତ ହଜିଗଲା ମୋ କୁନି ଖେଳନା;

ଖୋଜିଲିଣି ବହୁତ ମୁଁ... ପାଉନହିଁ... ଖୋଜି ଦିଅ ମୋତେ,

-ସୁଂଗଭାଇ ଦେଇଥିଲା ଉପହାର... ଯାଇଛି ସେ ଯୁଦ୍ଧେ,

ବାହୁଡ଼ା ବାଟରେ ତାର ଆସିବ ତ ଆମ ଘରେ ପୁଣି,

କୋଳରେ ବସାଇ ମୋତେ ପଚାରିବେ, ' କାହିଁ ତୋର କୁନି?'

କି କହିବି ତେବେ ତାକୁ?

ମୋ ଖେଳନା ମୋତେ ଖୋଜିଦିଅ,

ମା', ତୁମେ ତ ଜାଣ, ଥିଲା ସେ ଖେଳନା' ମୋର କେତେ ପ୍ରିୟ।

ସଞ୍ଜ ଖରା ହସୁଥିଲା...



www.jataayu.org

# ମୃତ୍ୟୁହୀନ

କବି ରଘୁନାଥ ଦାସ

ସାଇଯାକ ଯେତେ ପିଲା ପଡ଼ିଆରେ ହୋଇ ଏକେମେଳ

ଖେଳୁଥିଲୁ ମୁକ୍ତି ସେନା ଖେଳ।

ଶୁଣ ମା, ଆଜିଠୁଁ ମୋତେ କେବେହେଲେ ଭାବିବନି ପିଲା

ମୁଁ ଜାଣେ ଲାଲ ସିପାହୀ, ସିପାହୀରେ ପୁଣି ମୁଁ ଗରିଲା-

ଆମକୁ ଡ଼ାକରା ଆସେ ସହରରୁ, ଡ଼ାକେ ପୁଣି ଗାଆଁ

ମ୍ୟାକ୍ ଆର୍ଥର ଛାଡି ଧୁଡ୍ଡୁ ଧୁଡ୍ଡୁ ଶୁଣି ଆମ ନାଆଁ

କଳ ହେବ ଶ୍ରମିକର, ଜମି ନେବ ହଳକଲା ଚାଷୀ,

ସିଂମାନ୍‌ରୀ ପଡ଼େ ଯେବେ ହାବୁଡ଼ରେ, ନିଶ୍ଚେ ଦେବୁ ଫାଶୀ।

ସିଂମାନ୍‌ରୀ... ଧରାପଡ଼େ, ଏଇ ଲାଗେ ପାଇବ ତ ସଜା,

ହେଁ, ହେଁ, ଖେଳ ବଡ଼ ମଜା!

କଣ୍ଠେ ଆମ ମୁକ୍ତିଗାନ

ଦୂର୍ ହୋ ଆମେରିକାନ୍!

ପୁଣ୍ୟ ଆମ ଜନ୍ମଭୂମି, ପୁଣ୍ୟ ଏହି କୋରିଆର ମାଟି,

କୋରିଆର ମୁକ୍ତି ଲାଗି ଆଗେ ଚାଲେ ସାଥୀ।

ଉଡ଼ନ୍ତା ଅସୁର ଭଳି ଝଡ଼ବେଗେ ଆସିଥିଲା ଛିଟିକା,

ମୁଁ କିନ୍ତୁ ମା, ଡ଼ରିନାହିଁ, ମୋ ହାତେ ଯେ ଜାତୀୟ ପତାକା।

www.jatayu.org

# ମୃତ୍ୟୁହୀନ

କବି ରଘୁନାଥ ଦାସ

ମା, ତୁମେ କାନ୍ଦନା।

ମୁଁ ମରିନି, ମୁଁ ବଞ୍ଚିଛି,ମିଛ ନୁହେଁ, ଏ ନୁହେଁ ଛଳନା,

ମୃତବତ୍ସା ହେ ଜନନୀ । ମୁଁ ବଞ୍ଚିଛି ତମରି ଗର୍ଭରେ,

ମୁଁ ବଞ୍ଚିଛି ମୋ ଦେଶର କୋଟି ପ୍ରାଣେ, ଘରେ ଘରେ ଘରେ।

ମୋତେ ତ ଭେଟିବ ତୁମେ ଗ୍ରାମେ ଗ୍ରାମେ, ପ୍ରତି ପଥପ୍ରାନ୍ତେ,

ମୁଁ ବଞ୍ଚିଛି ମାଆ କୋଳେ, ମାଟି ତଳେ, ପାହାଡ଼ କନ୍ଦରେ,

ମୁଁ ବଞ୍ଚିଛି ଖେତେ ଖେତେ, ଖଣିଗର୍ଭେ ଦକ୍ଷିଣେ ଉତ୍ତରେ।

କ୍ଷୁଦ୍ର ମୋ ପ୍ରାଣରେ ଆଜି ଖେଳିଯାଏ ଅନନ୍ତ ପ୍ରେରଣା;

ସମଗ୍ର କୋରିଆ ଭୂଇଁ ଖୋଜିବି ମୁଁ ହଜିଲା ଖେଳନା।

ଜାଣେ ଜାଣେ ଦିନେ ତାରେ ଏ ମାଟିରେ କରିବି ମୁଁ ଠାବ

ଶାନ୍ତିର କପୋତ ଛୁଟେ ଚଞ୍ଚୁପୁଟେ ଘେନିଣ ପ୍ରସ୍ତାବ

ପରିପୂର୍ଣ୍ଣ ନୂତନ ଦିନର।

ନୂତନ ଦିନର

ନିଶ୍ଚିତ ସୂଚନା ଏ ଯେ, ଘନାଇଛି ନିଶାନ୍ତ କଜ୍ଜଳ।

-ଏ ନୁହେଁ ସପନ-

www.jatayu.org

# ମୃତ୍ୟୁହୀନ



ରକ୍ତାକ୍ତ ଉଷାର କୋଳେ ନବଭାନୁ ଶୁଭ ଉଦୟନ।

(ସହକାର-ଉନତ୍ରିଂଶ ଭାଗ, ପଞ୍ଚମ ସଂଖ୍ୟା, ମାଘ-୧୩୫୮ ରେ ପ୍ରକାଶିତ)

www.jataayu.org